

## ଟୋକନ ଅବଧି ସରୁଛି; ଧାନକିଣା ବନ୍ଦ

# ୧୦ ହଜାର ଚାଷୀ ଧାନବିକ୍ରିରୁ ବଞ୍ଚିତ ହେବେ

କଟକ,୨୨।୩(ସମିସ)

ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟା ଶେଷ ହେବ ବୋଲି ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ବେଳେ ଏଥର କଟକ ଜିଲ୍ଲାରେ ୧୦ହଜାର ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବା ନେଇ ଆଶଙ୍କା ଉପୁଜିଛି। ଆଉ ମାତ୍ର ୯ ଦିନ ସମୟ ମଧ୍ୟରେ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ ସଂଗ୍ରହ ନେଇ ଅନିଶ୍ଚିତତା ଦେଖାଦେଇଛି। ଉପରୋକ୍ତ ସମସ୍ତ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇ ସରକାର ଦେଇଥିବା ଅତିରିକ୍ତ ୧୫ଦିନ ମଧ୍ୟ ସରିଛି। ଏଣୁ ସେମାନେ ଆଉ ଧାନ ବିକ୍ରି କରିପାରିବା ନେଇ ଚିନ୍ତାରେ ପଡିଛନ୍ତି। ସେହିଭଳି ଧାନ ମଣ୍ଡିଗୁଡିକୁ ସରକାରଙ୍କ ପକ୍ଷରୁ ନୂତନ ଟାର୍ଗେଟ ଆସିନଥିବାରୁ ଏଗୁଡିକ ଏକପ୍ରକାର ବନ୍ଦ ସ୍ଥିତିରେ ରହିଛି। ଜିଲ୍ଲାରେ ଚଳିତବର୍ଷ ଖରିଫ ଋତୁରେ ଗତବର୍ଷ ତୁଳନାରେ ୧୦ରୁ ୨୦ପ୍ରତିଶତ ଅଧିକ ଧାନ ଅମଳ ହୋଇଥିଲା। ଚାଷୀମାନେ ବଳକା ଧାନକୁ ବାଧ ହୋଇ ବେପାରୀଙ୍କ ହାତକୁ ଟେକୁଛନ୍ତି। ଚଳିତ ବର୍ଷ ଧାନ ସଂଗ୍ରହରେ ଚରମ ବିଭ୍ରାଟ ଦେଖିବାକୁ ମିଳିଛି। ପ୍ରଥମେ ପ୍ରଥମେ ମିଲରମାନେ ନିୟମିତ ମଣ୍ଡିରୁ ଧାନ ଉଠାଉଥିବା ବେଳେ ଗତ କିଛି ଦିନ ଧରି ଏହି ପ୍ରକ୍ରିୟା ଧୀମା ହୋଇଯାଇଛି। ମିଲରମାନେ ନିୟମିତ ଆସୁନଥିବାରୁ ମଣ୍ଡିରୁ ଧାର୍ଯ୍ୟ ସମୟ ସୀମାରେ ଧାନ ଉଠିପାରୁନାହିଁ। ବାକି ରହିଯାଇଥିବା ଚାଷୀ ମାନେ ସେମାନଙ୍କ ଉତ୍ପାଦିତ ଧାନକୁ ବେପାରୀଙ୍କୁ କ୍ୱିଣ୍ଟାଲ ପ୍ରତି ମାତ୍ର ୧୬୦୦ରୁ ୧୭୦୦ଟଙ୍କାରେ ବିକ୍ରି କରୁଛନ୍ତି। ଏପରିକି ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବା ସବୁ ଚାଷୀଙ୍କ ଉତ୍ପାଦିତ ଧାନ ଧାର୍ଯ୍ୟ ସମୟ ମଧ୍ୟରେ ବିକ୍ରି ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ପର୍ଯ୍ୟନ୍ତ ଜିଲ୍ଲାରେ ଚାଷୀଙ୍କୁ ମିଳିଥିବା ଫେବୃଆରୀ ମାସର ଟୋକନରେ ଧାନ ସଂଗ୍ରହ ହୋଇପାରିନାହିଁ। ଗୋଟିଏ ସପ୍ତାହରେ ୪ଦିନ ଧାନ କିଣା ପାଇଁ ସ୍ଥିର ହୋଇଥିଲେ ମଧ୍ୟ କେତେକ ମଣ୍ଡିରେ ୪ଦିନ ଧାନ ଉଠୁ ନଥିବା ଅଭିଯୋଗ ହେଉଛି। ଏବେବି ପ୍ରାୟ ୧୩୯୦୦ ଚାଷୀ ଧାନ ବିକ୍ରି କରିବା ପାଇଁ ଟୋକନ ପାଇ ଅପେକ୍ଷାରେ ରହିଛନ୍ତି। ସୂଚନାଥାଉକି କଟକ ଜିଲ୍ଲାର ୧୪ଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷ ୮୯ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଜିଲ୍ଲାରେ ୨୨୩ଟି ପ୍ରାଥମିକ ସେବା ସମବାୟ ସମିତି ଓ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହରେ ନିୟୋଜିତ ଅଛନ୍ତି।

**ମଣ୍ଡିକୁ ମିଳୁନି ଟାର୍ଗେଟ, ୧୩ ହଜାର ଚାଷୀ ଅପେକ୍ଷାରେ**

ପ୍ରକାଶଥାଉକି, ଚଳିତ ବର୍ଷ ମୋଟ ୭୨ହଜାର ୫୩୯ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ ମୋଟ ୫୮ହଜାର ୫୫୭ଜଣ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ଏଥର ମଣ୍ଡି ଖୋଲିବା ବିଳମ୍ବ ହେବାରୁ ଚାଷୀଙ୍କଠାରୁ ବେପାରୀ ଓ ମିଲରମାନେ ସରକାରୀ ଧାର୍ଯ୍ୟ ଦରଠାରୁ କମ ମୂଲ୍ୟରେ ବହୁ ପରିମାଣରେ ଧାନ ସଂଗ୍ରହ କରିନେଇଥିଲେ। ମଣ୍ଡିରେ ଚାଷୀ ମାନେ ବାଧ୍ୟବାଧକତାରେ କଟନୀ-ଛଟନୀରେ ରାଜି ହୋଇ ଧାନ ବିକ୍ରି କରିଥିଲେ। ଏଫଏକ୍ୟୁ ମାନର ଧାନ ପାଇଁ ଚାଷୀ ନିୟମ ପାଳନ କରୁଥିଲେ ମଧ୍ୟ ମଣ୍ଡିରେ ମିଲର ମାନେ କୁଇଣ୍ଟାଲ ପ୍ରତି ୫ରୁ ୭କିଲୋ କଟନୀ ଛଟନୀ କରାଯାଇଆସୁଛି। ଚାଷୀ ସେମାନଙ୍କ ଉତ୍ପାଦିତ ଧାନ ସହଜ ତଥା ଶୀଘ୍ର ଦେବା ପାଇଁ ଏକ ପ୍ରକାର ମଣ୍ଡିରେ ଚାଲିଥିବା ଅଘୋଷିତ କଟନୀ-ଛଟନୀରେ ରାଜି ହେଉଥିବା ଦେଖାଯାଉଛି। ଜିଲ୍ଲାରେ ୧୩ଜଣ ମିଲର ଧାନ କିଣାରେ ନିୟୋଜିତ ହୋଇଥିବା ବେଳେ ଶେଷ ଆଡକୁ ଅଧିକାଂଶ ମିଲର ମନମାନୀ କରି ନିୟମିତ ଧାନ କିଣୁନଥିବାରୁ ସମସ୍ୟା ଦେଖାଦେଇଛି। ଏହିଭଳି ସ୍ଥିତି ଲାଗିଲେ ୫ରୁ ୧୦ହଜାର ଚାଷୀ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ବୋଲି ଜଣାପଡିଛି।

## ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହୀ ସମିତି ବୈଠକ



ଭୁବନେଶ୍ୱର,୨୨।୩(ସମିସ): ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହୀ ସମିତି ବୈଠକ ରବିବାର ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ପରେ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପୂର୍ବବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଉତ୍କଳ ଦିବସ ପାଳନ ପାଇଁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଉତ୍କଳ ଦିବସର ବାର୍ତ୍ତା: 'ଓଡ଼ିଆ ଭାଷା, ସୀମା ଓ ସଂସ୍କୃତିର ସୁରକ୍ଷା ପାଇଁ ଶପଥ ନେବା' ରଖାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟରେ ଓ ରାଜ୍ୟ ବାହାରେ ଥିବା ଉତ୍କଳ ସମ୍ମିଳନୀର ଶାଖାରେ ଏହି ବାର୍ତ୍ତା ଉପରେ ଆଲୋଚନା କରି ଉତ୍କଳ ଦିବସ ପାଳନ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଏହାସହ ସମ୍ମିଳନୀର ପରିଷଦ ସଦସ୍ୟ, ନିର୍ବାଚନ, କେନ୍ଦ୍ରୀୟ କାର୍ଯ୍ୟାଳୟ ଓ ଆର୍ଥିକ ସ୍ଥିତି ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ସମ୍ମିଳନୀର ଖୋର୍ଦ୍ଧା ଶାଖା ସଭାପତି ଶକ୍ତି ମିଶ୍ର, ସମ୍ପାଦିକା ବାସନ୍ତୀ ସିଂ, ବୀଣାପାଣି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ଉପସଭାପତି ବିଚିତ୍ରା ନନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ପାଇଁ 'ଚଲାପଥ' ନିଷ୍ଠାର ସହ କାର୍ଯ୍ୟ କରୁଛି



ଭୁବନେଶ୍ୱର,୨୨।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଶ୍ରୀବୃଦ୍ଧି ଓ ଜନଜୀବନର ମଙ୍ଗଳ ପାଇଁ 'ଚଲାପଥ' ନିଷ୍ଠାର ସହ କାର୍ଯ୍ୟ କରିଆସୁଛି। ସାରସ୍ୱତ ସାଧକମାନଙ୍କ ମଧ୍ୟରେ ସୃଜନ ସମ୍ପର୍କର ସେତୁ ନିର୍ମାଣ କରିବାରେ ଚଲାପଥ ଗୁଣ୍ଡୁଚିର ଧର୍ମ ଲିଭାଇ ଆସୁଛି ବୋଲି ୫୪ ତମ ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ସଭାପତିରେ ଅନୁଷ୍ଠିତ ଏହି ମହୋତ୍ସବରେ ପୂର୍ବତନ ମନ୍ତ୍ରୀ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ ଯୋଗ ଦେଇଥିଲେ। ଆଡ୍‌ଭୋକେଟ୍ ବିଭୁ ପ୍ରସାଦ ତ୍ରିପାଠୀ, ବରିଷ୍ଠ ରାଜନେତା ପ୍ରଶାନ୍ତ କୁମାର ରାୟ, ସାମ୍ବାଦିକ ହଳଧର ଧୀର, ଉପସଭାପତି ଭୁବନ ମୋହନ ମହାନ୍ତି, ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଯୋଗଦେଇ ଚଲାପଥର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କବି ଦୀପ୍ତିରେଖା ଦାସଙ୍କ ସୃଜନ ସୃଷ୍ଟି କବିତା ସଙ୍କଳନ 'ସାଇତା ଫଗୁଣର ସ୍ୱର' ଓ ଲେଖିକା ସଂଯୁକ୍ତା ମହାପାତ୍ରଙ୍କ ପୁସ୍ତକ 'ମାତୃ ରୂପେଣ ସଂସ୍ଥିତା' ଉନ୍ମୋଚିତ ହୋଇଥିଲା। କବି ଅମରେଶ ପଟ୍ଟନାୟକ, ହାଇକୋର୍ଟର ଆଡ୍‌ଭୋକେଟ୍ ବିଭୁ ପ୍ରସାଦ ତ୍ରିପାଠୀ, ବରିଷ୍ଠ ପ୍ରଶାସକ ଦିଗନ୍ତ କୁମାର ରାଉତରାୟ, ଭବେଶ କୁମାର ନାୟକ, ସାମ୍ବାଦିକ ପ୍ରକାଶ ଦାସ, ଆଡଭୋକେଟ ନାରାୟଣ ଚନ୍ଦ୍ର ପତି, ସାମ୍ବାଦିକ ପ୍ରସନ୍ନ ପତି, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଆଇ.ଓ ତଥା କବି ସରୋଜ ଶତପଥୀ, ଇଂ ଧୀରେନ କୁମାର ଖୁଣ୍ଟିଆ, କବି ଦୀପ୍ତିରେଖା ଦାସଙ୍କୁ ଚଲାପଥ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପ୍ରଫେସର ଡକ୍ଟର ରାମଚନ୍ଦ୍ର ଧୀରଙ୍କୁ ମରଣୋତ୍ତର ଚଲାପଥ ସମ୍ମାନ ତାଙ୍କର ପତ୍ନୀ ନମିତା ଧୀର ଓ ଦୁଇ କନ୍ୟାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଡାକ୍ତର ଶରତ ଚନ୍ଦ୍ର ମିଶ୍ର ଓ ତାଙ୍କ ପତ୍ନୀ ଦେଶ କଲ୍ୟାଣୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଚଳଚ୍ଚିତ୍ର ସଙ୍ଗୀତ ଶିଳ୍ପୀ ସାଇଶ୍ରୀ ବିଶ୍ୱଜିତା ରାୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। କବି ଧ୍ରୁବ ଚରଣ ସେଠୀଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ଅଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, କବି ଯୋଗେନ୍ଦ୍ର କୁମାର ନାୟକ, କବି ତରୁଣବାଳା ମହାପାତ୍ର, ମଧୁସ୍ମିତା ଶା, ଲୋପାମୁଦ୍ରା ନାୟକ, ଅନୁସୂୟା ବାରିକ, କ୍ଷଣପ୍ରଭା ମହାନ୍ତି, ବୀଣାପାଣି ଚୌଧୁରୀ, ଗୀତାଞ୍ଜଳି ଦଳେଇଙ୍କ ସଂଯୋଜନାରେ ଶତାଧିକ କବି କବିତା ପାଠୋତ୍ସବରେ ଭାଗ ନେଇଥିଲେ।

● ସର୍ବଭାରତୀୟ ବେସାମରିକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

## ବିଜୟ ଯାତ୍ରା ଆରମ୍ଭ କଲା ଓଡ଼ିଶା ଦଳ




ଭୁବନେଶ୍ୱର,୨୨।୩(ସମିସ): ସର୍ବଭାରତୀୟ ବେସାମରିକ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ନିଜର ବିଜୟ ଯାତ୍ରା ଆରମ୍ଭ କରିଛି। ଓଡ଼ିଶା ଦଳ ଉତ୍ତରାଖଣ୍ଡକୁ ୨-୦ ସେଟ୍‌ରେ ପରାସ୍ତ କରି ଏହାର ବିଜୟ ଯାତ୍ରା ଆରମ୍ଭ କରିଛି। ଟିମ୍‌ର କୋଚ୍ ପ୍ରକାଶ ଚନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ଦଳ ଏହି ବିଜୟ ହାସଲ କରିଛି। ଆସନ୍ତାକାଲି ଓଡ଼ିଶା ଦଳ ମହାରାଷ୍ଟ୍ରକୁ ଭେଟିବ। ଦିଲ୍ଲୀର ପିତାମ୍ପୁରାଠାରେ ଗତ ୨୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଯୋଗଦେବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ଭଲିବଲ୍ ଟିମ୍‌ର ସଦସ୍ୟମାନେ ଦିଲ୍ଲୀ ଯାତ୍ରା କରିଛନ୍ତି। ଏହି ଦଳରେ ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ଯାତ୍ରା କରିଛନ୍ତି। କେନ୍ଦ୍ରୀୟ ସିଭିଲ୍ ସର୍ଭିସ୍ ସାଂସ୍କୃତିକ ଓ କ୍ରୀଡ଼ା ବୋର୍ଡ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ସମସ୍ତ ରାଜ୍ୟର ସିଭିଲ୍ ସର୍ଭିସ୍ ଟିମ୍ ଭାଗ ନେଉଛନ୍ତି। ଓଡ଼ିଶା ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟରେ ଚନ୍ଦନ କୁମାର ମଣ୍ଡଳ, ନାରାୟଣ ଦାସ, ଜଳେନ୍ଦ୍ର କୁମାର ପିରବକା, ଅକ୍ଷୟ କୁମାର ମିଶ୍ର, ଆଶୁତୋଷ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ବେହେରା, ଆଶିଷ ବେହେରା, ଜଗନ୍ନାଥ ପ୍ରସାଦ ବଳ, ପାର୍ଥସାରଥି ଜେନା, ରଶ୍ମିରଞ୍ଜନ ଦାସ, ଅବିନାଶ ଜେନା, ବିଚିତ୍ର ପ୍ରଧାନ, ରାଜେଶ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

## କିମ୍‌ସରେ ପେଡିଆଟ୍ରିକ୍ସ ଅପଡେଟ୍ ୨.୦

ଭୁବନେଶ୍ୱର,୨୨।୩(ସମିସ):ଶିଶୁ ସ୍ୱାସ୍ଥ୍ୟସେବା ବିକାଶ କ୍ଷେତ୍ରରେ ଆଲୋଚନା କରିବା ଓ ସର୍ବୋତ୍ତମ କ୍ଲିନିକାଲ୍ ଅଭ୍ୟାସ ବିନିମୟ ପାଇଁ କିମ୍‌ସ ଶିଶୁ ରୋଗ ବିଭାଗ ପକ୍ଷରୁ 'କିମସ ପେଡିଆଟ୍ରିକ୍ସ ଅପଡେଟ୍ ୨.୦' ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ନବଜାତ ଶିଶୁର ଯତ୍ନ, ଶିଶୁ ଆଘାତ, ଜନ୍ମଗତ ହୃଦ୍‌ରୋଗ ଓ ଟିକା ସମ୍ବନ୍ଧୀୟ ଅପଡେଟ୍ ସମ୍ପର୍କରେ ଶିକ୍ଷାଗତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କିମ୍‌ସ ଶିଶୁ ରୋଗ ବିଭାଗ ମୁଖ୍ୟ ଡ. ସେବାରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ଡ. ଆର. ସି. ଦାସ ଯୋଗଦେଇ କିମ୍‌ସରେ ସଫଳତାର ସହ ଶିଶୁ ଚିକିତ୍ସା ଏଣ୍ଡୋସ୍କୋପି ଓ ଶିଶୁ ଅସ୍ଥି ମଜ୍ଜା ପ୍ରତିରୋପଣ ଭଳି ଉନ୍ନତ ପ୍ରକ୍ରିୟାଗୁଡିକୁ କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ। ପୁଣେର ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡ. ପ୍ରମୋଦ ଯୋଗ ଚିକିତ୍ସା ଅଭ୍ୟାସରେ କରୁଣା ଓ ମାନବିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କିମ୍‌ସ ମେଡିକାଲ ଅଧୀକ୍ଷକ ଡ. ମାନସ ରଞ୍ଜନ ବେହେରା, ଶିଶୁରୋଗ ବିଶେଷଜ୍ଞ ଡ. ନିର୍ମଳ ମହାକୁଡ଼ଙ୍କ ସମେତ ବହୁ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## କ୍ରସ୍ ଭୋଟିଂ କରିଥିବା ବିଧାୟକଙ୍କ ଉପରେ ବର୍ଷିଲେ ମେୟର

କଟକ,୨୨।୩(ସମିସ)



ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା କଟକର ୩ ବିଧାୟକଙ୍କ ଉପରେ ବର୍ଷିଛନ୍ତି କଟକ ମେୟର ସୁବାସ ସିଂ। ଗଡ଼ଖାଇସ୍ଥିତ ସରକାରୀ କ୍ୱାର୍ଟର୍ସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୁବାସ କହିଛନ୍ତି ଯେ ବିଧାୟକ ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ ଓ ସୋଫିଆ ଫିରଦୌସ ଏହି ୩ ଜଣ ବିଧାୟକ ନିଜ ଦଳ ସହ ବେଇମାନୀ କରିଛନ୍ତି। ଏପରିକି ସେମାନଙ୍କର ଏଭଳି କାର୍ଯ୍ୟ କଟକକୁ କଳଙ୍କିତ କରିଛି। ଖାସ୍ କରି ବିଜେଡି ଦଳ ସହ ୨ ବିଧାୟକ ଷଡଯନ୍ତ୍ର କରିଥିବା ଜାଣିବା ପରେ ଏବେ ଦଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ମେୟର ଆହୁରି କହିଛନ୍ତି ଯେ ସତ୍‌ସାହସ ଅଛି ତ ବିଧାୟକ ପଦରୁ ଇସ୍ତଫା ତୁରନ୍ତ ଦିଅନ୍ତୁ। ସେହିପରି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ପ୍ରଭାତ ବିଶ୍ୱାଳଙ୍କୁ ମଧ୍ୟ କଡ଼ା ସମାଲୋଚନା କରିଥିଲେ ସୁବାସ। ସେ କ୍ଷୋଭର ସହ ପ୍ରକାଶ କରିଥିଲେ ଯେ ଉଭୟ ବାପା ପୁଅ ଦଳକୁ ଦୁର୍ବଳ କରିବାକୁ ଚେଷ୍ଟା କରିଛନ୍ତି। ହେଲେ ଏବେ ବିଜେଡି ଦଳ ଅଧିକ ଶକ୍ତିଶାଳୀ ହେଉଛି। କାର୍ତ୍ତିକେୟାନ ପାଣ୍ଡିଆନଙ୍କର ଦଳ ପ୍ରତି ଖାସ କରି କଟକ ପ୍ରତି ବହୁ ଅବଦାନ ରହିଛି। ସେହିପରି ଟ୍ରଷ୍ଟ ପ୍ରସଙ୍ଗରେ ନବୀନ ପଟ୍ଟନାୟକ ସ୍ପଷ୍ଟ କରି ସାରିଛନ୍ତି। ପ୍ରଭାତ ବିଶ୍ୱାଳ କିଛିଦିନ ମାସ ପୂର୍ବେ ପାଣ୍ଡିଆନଙ୍କୁ ପ୍ରଶଂସା କରୁଥିଲେ ହେଲେ ଏବେ ଓଲଟା କହୁଛନ୍ତି। ଏବେ ରାଜ୍ୟସଭା ନିର୍ବାଚନ ଏମାନଙ୍କର ଅସଲ ଚିତ୍ରକୁ ସର୍ବସମ୍ମୁଖକୁ ଆଣିଛି। କଟକର ବିଧାୟକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାର ହତ୍ୟା କରିଛନ୍ତି। ଏବେ କଟକ ବିଜେଡିରେ କେବଳ ସୁବାସ ସିଂ, ପ୍ରତାପ ଜେନା, ଦେବୀ ମିଶ୍ର, ପ୍ରଫୁଲ୍ଲ ସିଂ ଏବଂ ଦେବାଶିଷ ସାମନ୍ତରାୟ ନେତା ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେ ମତ ବ୍ୟକ୍ତ କରିଛନ୍ତି।

## ସତ୍‌ସାହସ ଥିଲେ ଇସ୍ତଫା ଦେଇ ନିର୍ବାଚନ ଲଢ଼ନ୍ତୁ: ବିଜେଡି

କଟକ,୨୨।୩(ସମିସ): ବିଜୁ ଜନତା ଦଳର ହୁଇପ ଜାରି ହୋଇଥିବା ସତ୍ତ୍ୱେ କଟକ ଜିଲ୍ଲା ବାଙ୍କୀ ଓ ଚୌଦ୍ୱାର କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୁ ଜନତା ଦଳ ଟିକେଟରେ ଜିତିଥିବା ଦୁଇ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ସୌଭିକ ବିଶ୍ୱାଳ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଙ୍ଗ କରିଥିଲେ, ସେନେଇ ଜିଲ୍ଲା ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଦଳ କହିଛି ଯେ ଏହି ଦୁଇ ଜଣ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ନିଜ ନିର୍ବାଚନମଣ୍ଡଳୀର ଲକ୍ଷ ଲକ୍ଷ ବିଜୁ ଜନତା ଦଳର କର୍ମୀଙ୍କ ସହିତ ବିଶ୍ୱାସଘାତକତା କରିଛନ୍ତି। ଭବିଷ୍ୟତରେ ଉକ୍ତ ଦୁଇ କଳଙ୍କିତ ବିଧାୟକଙ୍କୁ ଦଳୀୟ କର୍ମୀଙ୍କ ସହିତ ଭୋଟରମାନେ ଉଚିତ ଜବାବ ଦେବେ। ବାଙ୍କୀ ଓ ଚୌଦ୍ୱାର-କଟକ ବିଧାୟକଙ୍କ ଯଦି ସତସାହସ ଅଛି ତେବେ ବିଧାୟକ ପଦରୁ ତୁରନ୍ତ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ିବାକୁ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ କୁମାର ସିଂହ, ସାଧାରଣ ସମ୍ପାଦକ (ସଂଗଠନ) ତାପସ ମହାନ୍ତି, ମନୋରଞ୍ଜନ ଦାସ ପ୍ରମୁଖ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ଦ' ଆଡ୍‌ଭେଞ୍ଚର୍ସ ଅଫ୍ ରକ୍‌ସା ପୁସ୍ତକ ଉନ୍ମୋଚିତ

କଟକ,୨୨।୩(ସମିସ)




ଶ୍ରୀରାମଚନ୍ଦ୍ର ଭବନରେ ଲେଖିକା ଅମ୍ରିତା ମିତ୍ରଙ୍କ ପ୍ରଥମ ଶିଶୁ ପୁସ୍ତକ 'ଦ ଆଡ୍‌ଭେଞ୍ଚର୍ସ ଅଫ୍ ରକ୍‌ସା' ଆଜି ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ପୁସ୍ତକଟି ଉନ୍ମୋଚିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଷ୍ଟାଫ୍ ସିଲେକ୍ସନ କମିଶନର ସଦସ୍ୟା ଡଃ ସ୍ମୃତି ଦାସ କହିଲେ ଯେ ପୁସ୍ତକଟି କିଶୋର କିଶୋରୀମାନଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିବ। ଗଳ୍ପ ପୁସ୍ତକଟିର ମୁଖ୍ୟ ଚରିତ୍ର ରକ୍‌ସା ର ଦୁଃସାହସିକ ଅଭିଯାନକୁ ଏଥିରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଅଧ୍ୟାପିକା ଡଃ ମଞ୍ଜୁଶ୍ରୀ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଲେଖିକା ଅମ୍ରିତା ମିତ୍ରଙ୍କର ସରଳ ଓ ବୋଧଗମ ଭାଷାର ଉଚ୍ଚ ପ୍ରଶଂସା କରିଥିଲେ। ବରିଷ୍ଠ ସାମ୍ବାଦିକ ଡଃ ସତ୍ୟ ରାୟ ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପିଲାମାନଙ୍କର ପଠାନାଭ୍ୟାସ ବୃଦ୍ଧି କରିବାରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହିତ ପୁସ୍ତକର ବିଷୟବସ୍ତୁ ପିଲାମାନଙ୍କ ଉପରେ ବେଶ୍ ପ୍ରଭାବ ପକାଇବ ବୋଲି କହିଥିଲେ। ସପନ କୁମାର ଦେ ପୁସ୍ତକ ସଂପର୍କରେ ସମୀକ୍ଷା କରିଥିଲେ। ଅତିଥିମାନେ ଶିଶୁ ସାହିତ୍ୟ କ୍ଷେତ୍ରରେ ଲେଖିକାଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ପିଲାଦିନରୁ ପଢ଼ିବା ଅଭ୍ୟାସର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ସେମାନେ ଶିଶୁ ପାଠକମାନଙ୍କ ପାଇଁ ଅଧିକ ଆଞ୍ଚଳିକ ଏବଂ ସହଜ ସାହିତ୍ୟର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ।

ପୁସ୍ତକର ଲେଖିକା ଅମ୍ରିତା ମିତ୍ର ତାଙ୍କ ବକ୍ତବ୍ୟରେ ଗପ କହିବା ପ୍ରତି ଥିବା ତାଙ୍କର ଆଗ୍ରହ ଏବଂ କଳ୍ପନାଶୀଳ କାହାଣୀ ମାଧ୍ୟମରେ ଶିଶୁମାନଙ୍କୁ ଅନୁପ୍ରାଣିତ କରିବାର ଇଚ୍ଛାକୁ ପରିପ୍ରକାଶ କରିଥିଲେ। 'ଦ ଆଡଭେଞ୍ଚର୍ସ ଅଫ୍ ରକ୍‌ସା' ପୁସ୍ତକଟି ଏହାର ମୁଖ୍ୟ ଚରିତ୍ରର ଯାତ୍ରାକୁ ବର୍ଣ୍ଣନା କରାଯାଇଛି, ଯାହାର ଲକ୍ଷ୍ୟ ହେଉଛି ପିଲାମାନଙ୍କ ମଧ୍ୟରେ ଜିଜ୍ଞାସା, ସାହସ ଏବଂ ସୃଜନଶୀଳତା ଭଳି ମୂଲ୍ୟବୋଧ ଗଢ଼ିବା। ଏହି ଅବସରରେ ଘୋଷଣା କରାଯାଇଥିଲା ଯେ ପୁସ୍ତକଟି ଖୁବ୍ ଶୀଘ୍ର ଓଡ଼ିଆ ଭାଷାରେ ଉପଲବ୍ଧ ହେବ, ଯାହାଫଳରେ ଏହା ଆଞ୍ଚଳିକ ପାଠକମାନଙ୍କ ନିକଟରେ ସହଜରେ ପହଞ୍ଚିପାରିବ। ଏହାବ୍ୟତୀତ, ଡିଜିଟାଲ୍ ପାଠକମାନଙ୍କ ପାଇଁ ଇ-ବୁକ୍ ଏବଂ ଅଡିଓ ବୁକ୍ ମଧ୍ୟ ପ୍ରସ୍ତୁତି ପର୍ଯ୍ୟାୟରେ ରହିଛି। ଆଇନଜୀବୀ ଅରୋଲିନା ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୁସ୍ତକଟି ଏବେ ଆମାଜନ୍‌ରେ ଉପଲବ୍ଧ ହେଉଛି।

● ୮ମ ପଞ୍ଚାୟତ ପ୍ରିମିୟର ଲିଗ୍

## ନୀଳକଣ୍ଠେଶ୍ୱର ୱାରିୟର୍ ଚାମ୍ପିଅନ୍

ବଡ଼ରଘୁନାଥପୁର,୨୨।୩(ସମିସ): ଭୁବନେଶ୍ୱର ଉପକଣ୍ଠ ବଡ଼ରଘୁନାଥପୁର ଯୁବଶ୍ରୀ କ୍ଲବ ନିକଟରେ ଚାଲିଥିବା ୮ମ ପଞ୍ଚାୟତ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ ଟି ନୀଳକଣ୍ଠେଶ୍ୱର ୱାରିୟର୍ ବଡ଼ରଘୁନାଥପୁର ବନାମ କଳିଙ୍ଗ ଲାୟନ୍ସ ମଦନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ନୀଳକଣ୍ଠେଶ୍ୱର ୱାରିୟର୍ କଳିଙ୍ଗ ଲାୟନ୍ସକୁ ୨୦ ରନ୍‌ରେ ପରାସ୍ତ କରି ୮ମ ପଞ୍ଚାୟତ ପ୍ରିମିୟର ଲିଗ୍‌ର ଚାମ୍ପିଅନ ହୋଇଛି। ଏଥି ସହିତ ଚାମ୍ପିଅନ ଟିମ୍‌କୁ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ ସହିତ ରନରସପ୍ ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଆଜିର ଏହି ଫାଇନାଲ ମ୍ୟାଚ୍‌ରେ ସନ୍ଦୀପ ପରିଡ଼ା ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବାବେଳେ ଟୁର୍ଣ୍ଣାମେଣ୍ଟର ଗୌତମ ଲେଙ୍କା ମ୍ୟାନ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବେଷ୍ଟ ବୋଲର ଭାବେ ସଚିନ ପ୍ରଧାନ, ବେଷ୍ଟ ବ୍ୟାଟର ଭାବେ ଅଂଶୁମାନ ଦେବଦର୍ଶିଙ୍କୁ ପୁରସ୍କାର ଦିଆଯାଇଥିଲା।



ଏହି ମ୍ୟାଚ୍‌କୁ ଡୋକୋମୋ, ପ୍ରଦୀପ ସାହୁ ପରିଚାଳନା କରିଥିଲେ। ଆଜିର ଫାଇନାଲରେ ଶଶି କୁମାର ସାହୁ, ଶିଳ୍ପପତି ବିଜୟ କୁମାର ଚୌଧୁରୀ, ମଦନପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଅଜିତ ସାମନ୍ତରାୟ, ମଦନପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରଶ୍ମୀ ରଞ୍ଜନ ବେହେରା, ଛତାବର ଗ୍ରାମ ପଞ୍ଚାୟତର ସମିତି ସଭ୍ୟର ସରୋଜ କୁମାର ନାୟକ ଏବଂ ଓଡ଼ିଶାର ସିନେ ଅଭିନେତ୍ରୀ ଜିନା ସାମଲ ଅତିଥି ଭାବେ ଯୋଗ ଦେଇଥିଲେ।

# ଅଦରକାରୀ କାଗଜକୁ ଜୀବନ୍ତ କରୁଛନ୍ତି ରଶ୍ମିତା

ଭୁବନେଶ୍ୱର,୨୨।୩(ସମିସ)

● **ଆକର୍ଷିତ କରୁଛି କାଗଜରୁ ତିଆରି ଶ୍ରୀରାମଙ୍କ ପ୍ରତିମୂର୍ତ୍ତି**

● **ସୋଫା, ଡାଇନିଂ ଟେବୁଲ୍ ସହ ବିଭିନ୍ନ ଘରକରଣା ସାମଗ୍ରୀରୁ ହଟୁନି ନଜର**



ପେପର ବା କାଗଜ ଏବଂ ବର୍ଜ୍ୟବସ୍ତୁରୁ ତିଆରି ହେଉଛି ଆକର୍ଷଣୀୟ ସାମଗ୍ରୀ। ଅଦରକାରୀ ଜିନିଷରୁ ଯେ ସୁନ୍ଦର ସୃଷ୍ଟି ହୋଇପାରେ, ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଅଳିଆ ଆବର୍ଜନାରୁ ସୋଫା, ଚେୟାର, ଟିଭି ସେଟ୍‌ଅପ୍, ଡାଇନିଂ ଟେବୁଲ, ଟୁଲ୍ ଆଦି ସୁନ୍ଦର ଉପକରଣ ତିଆରି କରାଯାଉଛି। କେବଳ ସେତିକି ନୁହେଁ, ପେପରରୁ ତିଆରି ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଦେଖି କେହି ଆଶ୍ଚର୍ଯ୍ୟ ହେଉଛନ୍ତି। ବିନା କୌଣସି ପ୍ରଶିକ୍ଷଣରେ କାଗଜରୁ ଏଭଳି ସୁନ୍ଦର ଉଦ୍ଭାବନ କରି ନିଆରା ପରିଚୟ ସୃଷ୍ଟି କରିଛନ୍ତି ଭୁବନେଶ୍ୱର କଳିଙ୍ଗ ବିହାର ରଶ୍ମିତା ସାହୁ।

କେ-୪ କଳିଙ୍ଗବିହାର ନିଜ ପରିବାର ସହ ରୁହନ୍ତି ରଶ୍ମିତା। ସ୍ୱାମୀ ଅନାଦୀ ଚରଣ ସାହୁ ଏବଂ ଦୁଇ ପୁଅ ଓ ବୋହୂଙ୍କୁ ନେଇ ରଶ୍ମିତାଙ୍କ ପରିବାର। ପରିବାରର ଜଞ୍ଜାଳ ଭିତରୁ ସମୟ ବାହାର କରି ସେ ଅଦରକାରୀ କାଗଜକୁ ସାଇତି ରଖି ବିଭିନ୍ନ ଜିନିଷ ତିଆରି କରି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ସେ ପେପର୍‌ରୁ ତିଆରି କରିଥିବା ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ପାଲଟିଛି। ପୁରୁଣା ଖବରକାଗଜରୁ ତିଆରି ହୋଇଥିବା ଭଗବାନଙ୍କ ଏତେ ସୁନ୍ଦର ଜୀବନ୍ତ ଦିଶୁଥିବା ସ୍ଥାନୀୟ ମହିଳାମାନେ କହିଛନ୍ତି। ସେହିପରି ଫୁଲଦାନୀ, ରଙ୍ଗବେରଙ୍ଗର ଫୁଲ, ପ୍ଲେଟ୍ ସମେତ ଟେବୁଲ, ଚେୟାର, ସୋଫା, ଡାଇନିଂ ଟେବୁଲ, ହାଣ୍ଡି, କୁଣ୍ଡ, ଟୋକେଇ, ବିଭିନ୍ନ ଜୀବଜନ୍ତୁ ଆଦି ପୁରୁଣା ଅଦରକାରୀ କାଗଜରୁ ତିଆରି କରିବା ସହ ସ୍ଥାନୀୟ ମହିଳାମାନଙ୍କୁ ମଧ୍ୟ ଏାର ପ୍ରସ୍ତୁତି ପ୍ରଣାଳୀ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି। ତେବେ କେବଳ ସେତିକି ନୁହେଁ, ଦେବାଦେବୀଙ୍କ ମୂର୍ତ୍ତି ସହ ମାର୍ବଲ ପେଣ୍ଟିଂ, ସୁତୁଲି ଆର୍ଟ ଭଳି ଅନେକ କାରୁକାର୍ଯ୍ୟ କରି କଳାନୈପୁଣ୍ୟତାର ନିଆରା ପରିଚୟ ସୃଷ୍ଟି କରିଛନ୍ତି ରଶ୍ମିତା। ବଜାରରୁ ବିଭିନ୍ନ ସାମଗ୍ରୀ କିଣିବା ସମୟରେ ବ୍ୟବସାୟୀମାନେ ଦେଉଥିବା ବ୍ୟାଗ୍‌କୁ ଏଣେତେଣେ ନଫିଙ୍ଗି ତାହାକୁ ସାଇତି ରଖିଥାନ୍ତି। ପେପର୍ ଅବା କାଗଜ ଗୁଡ଼ିକୁ ୪/୫ଦିନ ପାଣିରେ ଭିଜାଇ ତାହାକୁ ପେଷ୍ଟ ବନାଇଥାନ୍ତି। ଏହାପରେ ତାହାକୁ ବିଭିନ୍ନ ଆକୃତିରେ ତିଆରି କରି ଶୁଖାଇଥାନ୍ତି। ଶୁଖିଲା ପରେ ସେଥିରେ ମେଥି ପେଷ୍ଟ ଦେଇ ରଙ୍ଗରେ ସଜାଇଥାନ୍ତି। ଥର୍ମୋକୁଲ, ଅମୁଲ ଡବା, ଯେକୌଣସି ପେପର ଖୋଳରୁ ସେ ପ୍ରସ୍ତୁତ କରୁଥିବା ଏହି ଜିନିଷକୁ କେବଳ ଘର ସଜାଇବା ପାଇଁ ନୁହେଁ ବରଂ ବାସ୍ତବରେ ସେ ଏସବୁକୁ ବ୍ୟବହାର ମଧ୍ୟ କରୁଛନ୍ତି। ୭ବର୍ଷ ପୂର୍ବରୁ ସେ ପ୍ରସ୍ତୁତ କରିଥିବା ଡାଇନିଂ ଟେବୁଲ, ସୋଫା ବର୍ଷ ବର୍ଷ ଧରି ବ୍ୟବହାର କରୁଥିଲେ ବି ତାହା ନଷ୍ଟ ହେଉନଥିବା ରଶ୍ମିତା କହିଛନ୍ତି। ଆଶ୍ଚର୍ଯ୍ୟର କଥା ଯେ, ରଶ୍ମିତା ଏଥିପାଇଁ କୌଣସି ଇନଷ୍ଟିଚ୍ୟୁଟ୍‌ରେ ପ୍ରଶିକ୍ଷଣ ନେଇନାହାନ୍ତି। ସହିପରି ଆଇସକ୍ରିମ୍ କାଠିରେ ଯୋତା ତିଆରି କରିଛନ୍ତି। ପ୍ରାୟ ୫୦ହଳ ଯୋତା ତିଆରି ଏକ ସୋକେସ୍‌ରେ ରଖିଛନ୍ତି। ଏହାସହ ବିଭିନ୍ନ ପ୍ଲାଷ୍ଟିକ୍ ଜିନିଷକୁ ବାହାରେ ନପକାଇ ସେଥିରେ ଭଳି କି ଭଳି ଫୁଲ ତିଆରି କରି ଘର ସଜାଇଥିବା ଦେଖିବାକୁ ମିଳିଛି। ତାଙ୍କର ଏଭଳି କାରୁକାର୍ଯ୍ୟ ଶିଖିବା ପାଇଁ ଆଖ ପାଖରୁ ଛାତ୍ରଛାତ୍ରୀଙ୍କ ଲମ୍ବା ଲାଇନ୍ ଲାଗୁଛି।

